
ଧରିତ୍ରୀ
DHARITRI
March 29-April 4, 2020 ₹ 2/-

# ଛୁଟିଦିନ



# ନମସ୍କାର



ଭାରତୀୟ ପରମ୍ପରାରେ ପ୍ରଣାମ କରିବା ତଥା ଅଭିବାଦନ ଜଣାଇବାର ଏକ ସୁନ୍ଦର ମାଧ୍ୟମ ହେଉଛି ଦୁଇହାତ ଯୋଡ଼ି ନମସ୍କାର କରିବା । ଏହାଦ୍ୱାରା କେବଳ ଆଶୀର୍ବାଦ ମିଳି ନ ଥାଏ, ଅଧିକନ୍ତୁ ବିନା ସ୍ପର୍ଶରେ ନମସ୍କାର କରାଯାଉଥିବାରୁ ଏଥିରେ କୌଣସି ସଂକ୍ରମଣର ଭୟ ବି ନ ଥାଏ । ଯେଉଁଥିପାଇଁ କରୋନା ଆତଙ୍କିତ ବିଶ୍ୱବାସୀ ଏବେ ଏହି ଭାରତୀୟ ଅଭିବାଦନ ଶୈଳୀକୁ ଆପଣେଇବାର ଦେଖିବାକୁ ମିଳୁଛି....

୩
ପ୍ରଚ୍ଛଦ ପ୍ରସଙ୍ଗ

୮
ବ୍ୟାକ୍ ପେଜ୍






ସିନେମା
୪/୫

## ଇମ୍ୟୁନିଟି ବଢ଼ାଇବା ପାଇଁ

**ପ୍ରୋଟିନ୍‌ରେ ଭରା ଜଳଖିଆ–** ଶରୀରରେ ଥିବା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଟି-ସେଲ୍‌ଗୁଡ଼ିକୁ ସକ୍ରିୟ କରିବା ପାଇଁ ଦଲିଆ, ସିଝା ଡାଲି, ଶାଗୁ, ସ୍ପ୍ରାଉଟ୍ (ଗଜାମୁଗ, ଗଜା ବୁଟ ଆଦି )ଖାଇବେ।



**କିଛି ସମୟ ଖରାରେ ରୁହନ୍ତୁ–** ଘରର ଛାତ କିମ୍ବା ବାଲକୋନୀରେ କିଛି ସମୟ ପାଇଁ ଖରାରେ ରୁହନ୍ତୁ। କାରଣ ଶରୀରରେ ଥିବା ସଂକ୍ରମଣ ସହ ଲଢିବାରେ ସାହାଯ୍ୟ କରୁଥିବା ଟି–ସେଲ୍‌କୁ ଶକ୍ତି ପ୍ରଦାନ କରିବାରେ ଖରା ସାହାଯ୍ୟ କରିଥାଏ।

**ମେଡିଟେଶନ୍–** ଏହାଦ୍ୱାରା ମନ ସ୍ଥିର ରହେ ଓ ହରମୋନ୍ ଉତ୍ପାଦନ ବଢିଥାଏ, ଯାହାକି ଶରୀରର ଅନ୍ୟ କୋଷଗୁଡ଼ିକୁ ଷ୍ଟ୍ରେସ୍ ଫ୍ରି କରିବାରେ ସାହାଯ୍ୟ କରେ। ଫଳରେ ଶରୀର ଭିତରୁ ମଜଭୁତ ହୁଏ। ଆଉ ଶରୀରର ଯେଉଁ ଅଙ୍ଗ ଭାଇରସ୍ ଦ୍ୱାରା ପ୍ରଭାବିତ ତାହା ସହଜରେ ଜଣାପଡେ। ତା’ସହ ଇମ୍ୟୁନ ସେଲ୍ ପୂରା ଶକ୍ତିର ସହ ଭାଇରସ୍ ଉପରେ ଆଟାକ୍ କରିପାରେ।

**ଖୁସି ରୁହନ୍ତୁ–** ଷ୍ଟ୍ରେସ୍ ଫ୍ରି ସହ ଖୁସିରେ ରୁହନ୍ତୁ। ଫଳରେ ରୋଗପ୍ରତିରୋଧକ ଶକ୍ତି ବଢିବ। କାରଣ ଏହାଦ୍ୱାରା ଏଣ୍ଡ୍ରୋଫ୍ରିନ୍‌ର ପ୍ରଡକ୍ସନ ହୁଏ। ଆଉ ଶରୀର ରିଲାକ୍ସ ହୁଏ। ଶରୀର ରିଲାକ୍ସ ହେଲେ ଇମ୍ୟୁନ୍ ପାୱାର ବଢେ।

**ଯୋଗ ଓ ବ୍ୟାୟାମ–** ଏକ ଗବେଷଣା ମୁତାବକ ଯେଉଁମାନେ ସପ୍ତାହକୁ ୫–୬ ଦିନ ବ୍ୟାୟାମ ଓ ଯୋଗ କରନ୍ତି ସେମାନଙ୍କୁ ଥଣ୍ଡା, ଗଳା ଖରାପ ହେବା ୫୦% କମିଯାଏ। କାରଣ ଏହାଦ୍ୱାରା ଇମ୍ୟୁନ ସିଷ୍ଟମ ବୁଷ୍ଟ ହୁଏ। ରକ୍ତ କୋଷିକା ତିଆରି ହୋଇ ଶରୀରରେ ପ୍ରବେଶ ଭାଇରସ୍‌କୁ ମାରିଥାଏ।

**୮/୯ ଘଣ୍ଟା ନିଦ–** ନିଦ ସମୟରେ ଆମର ଇମ୍ୟୁନ ସିଷ୍ଟମ୍ ଇନଫେକ୍ସନ ହୋଇଥିବା ସ୍ଥାନକୁ ଖୋଜି ସେଠାରେ ଇମ୍ୟୁନ୍ ସେଲ୍‌କୁ ପହଞ୍ଚାଇଥାଏ। ଆଉ ଏହା ଭାଇରସ୍‌କୁ ମାରିବା କାମ କରେ ଓ ରୋଗ ପ୍ରତିରୋଧକ ଶକ୍ତି ବଢାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ମାର୍ଚ୍ଚ ୨୯-ଏପ୍ରିଲ ୪

**ମେଷ**
ନୂତନ କର୍ମାରମ୍ଭ, କାରବାରରେ ଉନ୍ନତି, ଲକ୍ଷ୍ୟହୀନ ଯାତ୍ରା। ବନ୍ଧୁଙ୍କ ଅର୍ଥ ସାହାଯ୍ୟ, ଭାରାକ୍ରାନ୍ତ ମନ, ଲୋକସମ୍ପର୍କ ବୃଦ୍ଧି, ନିଷ୍ପତ୍ତିର ପରିବର୍ତ୍ତନ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ଟେନ୍‌ସନ ବଢ଼ିବ।

**ବୃଷ**
ଆର୍ଥିକ ଉନ୍ନତି, ଅତିଥି ସେବା, ସୌଖୀନ ଦ୍ରବ୍ୟ କ୍ରୟ, ଅର୍ଥଲାଭ, ବନ୍ଧୁଙ୍କ ପରାମର୍ଶ, ଭ୍ରାତୃ ବିବାଦ, କାରବାରରେ ଲାଭବାନ୍, କର୍ମକ୍ଷେତ୍ରରେ ଉତ୍ସାହ, ଧର୍ମଦର୍ଶନରେ ରୁଚି, ଶିକ୍ଷା ପରୀକ୍ଷାରେ ସମସ୍ୟା।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି, ଅତୀତର ସମୀକ୍ଷା, ଶୁଭଖବର, ସମ୍ପର୍କ ଯୋଡ଼ିବେ, ନୂତନ ମୈତ୍ରୀ, କଳା ସାହିତ୍ୟରେ ଉନ୍ନତି, ଦୂରଯାତ୍ରା, ସଂଚୟ ବୃଦ୍ଧି, ଗବେଷଣାରେ ଅଗ୍ରଗତି, ବନ୍ଧୁଙ୍କ ଅସହଯୋଗ, ମାତୃବର୍ଗରେ କଷ୍ଟ।

**କର୍କଟ**
କାମ ସ୍ଥଗିତ ରହିବ, ଭୁଲ୍ କାମରୁ ଅନୁତାପ, ଅର୍ଥଲାଭ, ଖର୍ଚ୍ଚାନ୍ତ ହେବେ, ଅନିଦ୍ରାଜନିତ ପୀଡ଼ା, ମଉଜମଜଲିସ୍, ଶୁଭଖବର। ଅପବ୍ୟୟ, ସହକର୍ମୀଙ୍କ ସହଯୋଗ, ପାରିବାରିକ ଶାନ୍ତି, ବିବାଦରେ ବିଜୟ, ଯାତ୍ରାରେ ସମସ୍ୟା।

**ସିଂହ**
ନୂତନ ଯୋଜନାରମ୍ଭ, ମିତ୍ର ବନ୍ଧୁଙ୍କ ସାହାଯ୍ୟ, ସଭାସମିତିକୁ ନିମନ୍ତ୍ରଣ, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟରେ ପ୍ରେରଣା, ବୁଝାମଣାରେ ତ୍ରୁଟି, ଗୃହପାଳିତ ପଶୁଙ୍କ ସମସ୍ୟା।

**କନ୍ୟା**
ବନ୍ଧୁମିଳନ, କାର୍ଯ୍ୟସିଦ୍ଧି, ବନ୍ଧୁଙ୍କ ସନ୍ଦେହଭାବ, ସମାଲୋଚିତ ହେବେ, ତୀର୍ଥାଟନ ଚିନ୍ତା, ମାନସିକ ଶାନ୍ତି। ଅଭିଳଷିତ ଫଳ ପ୍ରାପ୍ତି, ଆମୋଦ ପ୍ରମୋଦର ମଉକା, ସାମ୍ବାଦିକତାରେ ଗୌରବ।

**ତୁଳା**
ସାଂସ୍କୃତିକ କାର୍ଯ୍ୟ, ଦୂରଯାତ୍ରା, ସମସ୍ୟା ସୁଧୁରିଯିବ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ଦ୍ରବ୍ୟ ଲାଭ, ବନ୍ଧୁବର୍ଗଙ୍କ ସହାନୁଭୂତି। ଅର୍ଥର ଆବଶ୍ୟକତା, ସ୍ଥାନାନ୍ତର ଚିନ୍ତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟ, ଋଣମୁକ୍ତି, ପରିବାରରେ ବିତର୍କ।

**ବିଛା**
କାର୍ଯ୍ୟହାନି, ନିରୁତ୍ସାହିତ ହେବେ, ଘରୋଇ କଳହ, ଅର୍ଥ ପାଇବେ, ବନ୍ଧୁଙ୍କ ସାହାଯ୍ୟ। ଉନ୍ନତ ଚିନ୍ତା, ଯାନ୍ତ୍ରିକ ତ୍ରୁଟି, ବିଳମ୍ବିତ ଯାତ୍ରା। ଗୁରୁଜନଙ୍କ ପ୍ରେରଣା, ବୃତ୍ତି ବାଣିଜ୍ୟରେ ସଫଳତା, କ୍ରନିକ୍ ରୋଗରେ ପୀଡ଼ା।

**ଧନୁ**
ବନ୍ଧୁସମ୍ପର୍କ ବୃଦ୍ଧି, ମନଲାଖି ପାରିଶ୍ରମିକ, ରୋଗପୀଡ଼ା ଅନୁଭବ, ପଡ଼ୋଶୀଙ୍କ କ୍ରୋଧ, କ୍ରୀଡ଼ାରେ ସଫଳତା, ଚଳଚ୍ଚିତ୍ରରେ ସମସ୍ୟା, ପଦାଧିକାରୀଙ୍କ କଟୁକ୍ତି, ଗୃହ ପରିବର୍ତ୍ତନ, ସନ୍ତାନବର୍ଗରେ ଉନ୍ନତି।

**ମକର**
ନୂତନ ପ୍ରକଳ୍ପାରମ୍ଭ, ଶୁଭଖବର ପ୍ରାପ୍ତି, ସ୍ୱାସ୍ଥ୍ୟରେ ସମସ୍ୟା। ଗୃହ ବିବାଦ, ମକଦ୍ଦମାରୁ ଦୁଶ୍ଚିନ୍ତା, କୁଟୀରଶିଳ୍ପର ପୁନରୁଦ୍ଧାର, ପାରିବାରିକ ଶାନ୍ତି।

**କୁମ୍ଭ**
ଅବହେଳାରୁ ଅନୁତାପ, ସଙ୍କଟ ଘନେଇବ, ବ୍ୟୟଭାର କମିବ। ଭ୍ରାତୃପ୍ରୀତି ପାଇବେ, ସହକର୍ମୀଙ୍କ ଉଦାରତା, ଭ୍ରମଣ ସୁଯୋଗ ଜୁଟିବ, ପରିବହନରେ ଝଗଡ଼ା। ଧର୍ମକାର୍ଯ୍ୟ କରିବେ, ବାଣିଜ୍ୟରେ ଉନ୍ନତି, ବୀମାଧନ ମିଳିବ, ଯାତ୍ରା ସ୍ଥଗିତ ହେବ।

**ମୀନ**
ନିୟନ୍ତ୍ରିତ ସ୍ୱାସ୍ଥ୍ୟ, ମାନସିକ ବ୍ୟଥା, କର୍ମଜଞ୍ଜାଳ ବଢ଼ିବ, କର୍ମକ୍ଷେତ୍ରରେ ସମ୍ମାନ, ଯାତ୍ରାରେ ସଫଳତା, ଯୋଜନା ବିଗିଡ଼ିବ, ଦ୍ୱନ୍ଦ୍ୱର ଅବସାନ। ପ୍ରତିବନ୍ଧକ ଦୂରହେବ, ମକଦ୍ଦମାରେ ବିଜୟ, ଜନକଲ୍ୟାଣ କର୍ମ।

## ଶୁଆ କଲା ନାଟକେଦମ

ଗୋଟିଏ ଗୃହପାଳିତ ଶୁଆ। ମାତ୍ର ତାହା ଏମିତି ଏକ କାରନାମା କରିଛି ଯେ, ସେକଥା ଦେଖି ଉଭୟ ପୋଲିସ ଏବଂ ତା’ର ମାଲିକ ତାଜୁବ୍ ହୋଇଯାଇଛନ୍ତି। ଘଟଣାଟି ଘଟିଛି ଆମେରିକାର ଫ୍ଲୋରିଡ଼ାରେ। ଶୁଆର ମାଲିକଙ୍କ ନାମ ପ୍ରକାଶ କରାଯାଇନାହିଁ। ତେବେ ଶୁଆର ନାମ ହେଉଛି ରୋମ୍ବୋ। ଦିନେ ରାତିରେ ହଠାତ୍ ରୋମ୍ବୋ ଚିତ୍କାର କରିବାକୁ ଲାଗିଲା– ‘‘ମୋତେ ବଞ୍ଚାଅ, ମୋତେ ବଞ୍ଚାଅ। ମୋତେ ବାହାରକୁ ନିଅ। ଓଃ ମରିଗଲି, ମରିଗଲି।’’ ଶୁଆଟି ଅନେକ ସମୟରେ ଏଭଳି କିଛିନା କିଛି ହରକତ କରେ ବୋଲି ତା’ର ମାଲିକ ଜାଣନ୍ତି। ତେଣୁ ସେ ଶୁଆର କାର୍ଯ୍ୟକୁ ଏଡ଼େଇଗଲେ। ହେଲେ ପଡ଼ୋଶୀ ଲୋକ ଶୁଣି ଭାବିଲେ ଯେ, ହୁଏତ କେହିଜଣେ ସ୍ତ୍ରୀଲୋକ ଅସୁବିଧାରେ ପଡ଼ିଛି। ତେଣୁ ସେ ବଞ୍ଚାଇବାକୁ ନିବେଦନ କରୁଛି। କାରଣ ଶୁଆର କଣ୍ଠସ୍ୱର ବିଲ୍‌କୁଲ୍ ନାରୀକଣ୍ଠ ଭଳି ଲାଗୁଥିଲା। ତେଣୁ ପଡ଼ୋଶୀ ଲୋକମାନେ ତୁରନ୍ତ ପୋଲିସକୁ ଫୋନ୍ କରିଦେଲେ। ପୋଲିସ୍ ମଧ୍ୟ ଆସି ପହଞ୍ଚିଲା। ସେମାନଙ୍କର ଧାରଣା ଥିଲା ହୁଏତ ଗୃହରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗିଛି। ପୁରୁଷଟି ସ୍ତ୍ରୀକୁ ମାଡ଼ମାରୁଛି। ସ୍ତ୍ରୀ ନିଜକୁ ବଞ୍ଚେଇବାକୁ କହୁଛି। ମାତ୍ର ଘରକୁ ପଶିବା ବେଳକୁ ସବୁ ଓଲଟପାଲଟ। ପୋଲିସକୁ ଦେଖି ଶୁଆର ମାଲିକ ମାଲିକାଣୀ ତାଜୁବ୍। ଶୁଆଟି ଏମିତି ରାବ ଦଉଥିବା ଜାଣି ପୋଲିସ ସହିତ ପଡ଼ୋଶୀ ଲୋକମାନେ ବି ଆଚମ୍ବିତ।



## ପାଠକୀୟ

ଗୋ’ସେବା କେବଳ ପରମ୍ପରା ନୁହେଁ, ଗ୍ରାମ୍ୟ ଅର୍ଥନୀତିର ଏକ ମୁଖ୍ୟଅଂଶ ମଧ୍ୟ। ତେବେ ଆସ୍ତେ ଆସ୍ତେ ଗୋ’ସେବା ପ୍ରତି ଲୋକଙ୍କର ଆଗ୍ରହ କମୁଥିବାବେଳେ ଏବେ ବି କିଛି ଗାଁ ରହିଛି, ଯେଉଁଠି ପ୍ରତ୍ୟେକ ବ୍ୟକ୍ତି ଗୋପାଳନ ଓ ଗୋ’ସେବାକୁ ବ୍ରତ କରିଛନ୍ତି। ତେବେ ଏହି ଗୋ ସେବାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସମୟୋପଯୋଗୀ ଆଲେଖ୍ୟ ଥିଲା। ‘କେଉଁଠି କରିବେନି ଠାକୁରଘର’, ‘ମୁଣ୍ଡବ୍ୟଥା ହେଉଥିଲେ’ ଆଦି ପାଠଗୁଡ଼ିକରୁ ବି ଅନେକ ନୂଆ କଥା ଜାଣିବାକୁ ମିଳିଲା।

**–ଅଭିତାଭ ପଟ୍ଟନାୟକ, ରାଉରକେଲା**

ଉକ୍ତ ସଂଖ୍ୟାର ପ୍ରଚ୍ଛଦ ପ୍ରସଙ୍ଗ ‘ଗୋ ସେବା’ର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର ହୋଇଥିଲା। ଗୋପାଳନ କିପରି ଏକ ସମାଜମଙ୍ଗଳ କାମ ହୋଇଥାଏ ତାହା ଏଥିରୁ ଜାଣିହେଲା। ‘ଦାମୀ ପିଜା’ ପାଠଟିରୁ ବି ମୂଲ୍ୟବାନ୍ ତଥା ଟେଷ୍ଟି ପିଜା ସମ୍ପର୍କରେ ଜାଣିହେଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରସିଦ୍ଧ ମ୍ୟୁଜିକ୍ କମ୍ପୋଜର ‘ମହମ୍ମଦ ଜହୁର ହାସ୍‌ମୀ’ଙ୍କ ଜୀବନୀ ସମ୍ପର୍କରେ ବି ଅନେକ କିଛି ଅଜଣା କଥା ଜାଣିହେଲା।

**–ରାକେଶ ପ୍ରଧାନ, ସୁନ୍ଦରଗଡ଼**

ସୃଜନ ପୃଷ୍ଠାରେ ସ୍ଥାନିତ ‘ସେ, ମୁଁ, ମାଛ, ମାଛରଙ୍କା’ ନାମକ ଗପଟି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା। ସିନେମା ପୃଷ୍ଠାରେ ସ୍ଥାନିତ ‘କାରଣ ଖୋଜୁଛନ୍ତି ଶ୍ରଦ୍ଧା’, ‘ହୃତିକଙ୍କ କଷ୍ଟ୍ୟୁମ୍ ଗୁରୁ’, ‘ପୁଣିଥରେ କରୀନା ଶାହରୁଖ ଯୋଡ଼ି’ ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେହିପରି ପ୍ରଥମ ରୋଜଗାର ସ୍ତମ୍ଭରୁ ସାମାଜିକ କର୍ମୀ ତଥା ବ୍ୟାଙ୍କ କର୍ମଚାରୀ ଅରବିନ୍ଦ ମିଶ୍ରଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନ କିଣିନେଲା।

**–ଅଶୋକ କୁମାର ମହାନ୍ତି, ସିଟି ରୋଡ୍, ପୁରୀ–୨**

‘ଏମ୍ବ୍ରୋଡୋରି ଫୁଟ୍‌ୱେର୍’ ପାଠଟିରୁ ଅନେକ ନୂଆ କଥା ଜାଣିହେଲା। ମଡେଲ ମିରର୍‌ରେ ‘ଆରୟନ’ ବେଶ୍ ହ୍ୟାଣ୍ଡସମ୍ ଲାଗୁଥିଲେ। ସେହିପରି ସହର ପୃଷ୍ଠାରୁ ଭାରତର କେତେକ ପ୍ରସିଦ୍ଧ ଶିବମନ୍ଦିର ସମ୍ପର୍କରେ ଜାଣି ଖୁସି ଲାଗିଲା। ଅନ୍ୟପକ୍ଷେ ବିବିଧା ପୃଷ୍ଠାରେ ସ୍ଥାନିତ ‘ଆଙ୍ଗୁଠିରେ ପଇଡ଼ କଣା କରି ରେକର୍ଡ’ ପାଠଟି ଯେତିକି ଆଶ୍ଚର୍ଯ୍ୟକର ଥିଲା ସେତିକି ମଜାଦାର୍ ବି ଥିଲା।

**–ମମତା ବିଶୋଇ, ମୟୂରଭଞ୍ଜ**

ମଞ୍ଚମାୟା ପୃଷ୍ଠାରେ କୃଷ୍ଣପ୍ରିୟା ନାଏକ ଏବଂ ଦୁର୍ଗା ଭୂୟାଁଙ୍କ ଯାତ୍ରା କ୍ୟାରିୟର ସମ୍ପର୍କରେ ଅନେକ ଅଜଣା କଥା ପଢ଼ିବାକୁ ମିଳିବାରୁ ଖୁସି ଲାଗିଲା। ପ୍ରଜାପତିର ଡେଣା ପାଠଟି ବି ବେଶ୍ ତଥ୍ୟପୂର୍ଣ୍ଣ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ନୀଳ ମେକ୍‌ଅପ୍‌ରେ ଦୁଇବର୍ଷ’, ‘ଗେମିଂ ବେଡ୍’ ଏବଂ ‘ପୋଷା କଇଁଛ ପାଇଁ ମ୍ୟାଚିଂ ପୋଷାକ’ ଆଦି ପାଠଗୁଡ଼ିକ ଖୁବ୍ ଆଶ୍ଚର୍ଯ୍ୟକର ଥିଲା।

**–ନିକିତା ଷଡ଼ଙ୍ଗୀ, ମାର୍କେଟ୍ ଛକ, ସମ୍ବଲପୁର**


### ବିଶେଷ ଚିଠି



ଧରିତ୍ରୀ ନିବେଦିତ ଛୁଟିଦିନ
ସଭିଙ୍କ କରୁଛି ମନୋରଞ୍ଜନ
ପ୍ରଚ୍ଛଦ ପୃଷ୍ଠାରୁ ବ୍ୟାକ୍‌ପେଜ୍ ଖବର
ଜ୍ଞାନ ବିଜ୍ଞାନର ଗନ୍ତାଘର।
ସୃଜନ, ବ୍ୟକ୍ତିତ୍ୱ, ସାଥୀ ପୃଷ୍ଠାର ଉତ୍ତର
ମନେ ଭରିଦିଏ ଖୁସି ଅପାର
ସେଥିପାଇଁ ଛୁଟିଦିନ ଲାଗେ ସୁନ୍ଦର।

**–ଚୁଟୁ ବିନୋଦ ବେହେରା, ନୂଆସାହି, ନୂଆବଜାର, କଟକ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com



# ନମସ୍କାର



ଭାରତୀୟ ପରମ୍ପରାରେ ପ୍ରଣାମ କରିବା ତଥା ଅଭିବାଦନ ଜଣାଇବାର ଏକ ସୁନ୍ଦର ମାଧ୍ୟମ ହେଉଛି ଦୁଇହାତ ଯୋଡ଼ି ନମସ୍କାର କରିବା । ଏହାଦ୍ୱାରା କେବଳ ଆଶୀର୍ବାଦ ମିଳି ନ ଥାଏ, ଅଧିକନ୍ତୁ ବିନା ସ୍ପର୍ଶରେ ନମସ୍କାର କରାଯାଉଥିବାରୁ ଏଥିରେ କୌଣସି ସଂକ୍ରମଣର ଭୟ ବି ନ ଥାଏ । ଯେଉଁଥିପାଇଁ କରୋନା ଆତଙ୍କିତ ବିଶ୍ୱବାସୀ ଏବେ ଏହି ଭାରତୀୟ ଅଭିବାଦନ ଶୈଳୀକୁ ଆପଣେଇବାର ଦେଖିବାକୁ ମିଳୁଛି....

'ନମ୍' ଧାତୁରୁ ନମସ୍କାର ଶବ୍ଦର ଉତ୍ପତ୍ତି। ନମଃ ଶବ୍ଦର ଅର୍ଥ ନଇଁବା। ଓଡ଼ିଶା ଗୋସେବା ସମିତିର ସ୍ୱାମୀ ନିର୍ମଳାନନ୍ଦ ଗିରିଙ୍କ ମତରେ କାଳିକା ପୁରାଣ ତଥା ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ତିନି ପ୍ରକାର ନମସ୍କାରର ବର୍ଣ୍ଣନା ରହିଛି। ଯଥା– କାୟିକ, ବାଚନିକ ଏବଂ ମାନସିକ। ଦେବତା, ମନୁଷ୍ୟ, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ସର୍ପ ତଥା ସମସ୍ତ ମହାତ୍ମାଗଣ ନମସ୍କାର ଦ୍ୱାରା ସନ୍ତୁଷ୍ଟ ହୁଅନ୍ତି। ଗୁରୁଗୀତାରେ ବର୍ଣ୍ଣନା ଅଛି– ଗୁରୁଙ୍କୁ ପ୍ରତିଦିନ ସାଷ୍ଟାଙ୍ଗ ପ୍ରଣିପାତ କରିବା ଦ୍ୱାରା ସ୍ୱରୂପ ଜ୍ଞାନ ବା ଆତ୍ମଜ୍ଞାନ ଲାଭ ହୋଇଥାଏ। ଶିଷ୍ୟ ଗୁରୁଙ୍କ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ଉଚିତ। ସାଷ୍ଟାଙ୍ଗ ପ୍ରଣିପାତରେ ଦୁଇହାତ, ଦୁଇପାଦ, ଦୁଇ ଜାନୁ, ବକ୍ଷ ଦେଶ, ମସ୍ତକ, ମନ, ବଚନ ଓ ଦୃଶ୍ୟ ମାଧ୍ୟମରେ ଭୂମି ସ୍ପର୍ଶ କରିଥାଏ। ଏଭଳି ପ୍ରଣିପାତ ସମର୍ପଣର ଭାବଧାରାକୁ ସୂଚିତ କରେ।

**ଅହଂକାର ଦୂର କରିବାର ମାଧ୍ୟମ :**

ଇଂ. ସନ୍ନ୍ୟାସୀଙ୍କ ମତରେ ଦୁଇ ହାତର ପାପୁଲିକୁ ଯୋଡ଼ିଲେ ୧୦ ସଂଖ୍ୟକ ଅଙ୍ଗୁଳି ଏକତ୍ରିତ ହୋଇଥାନ୍ତି । ଯାହା ୫ ଜ୍ଞାନେନ୍ଦ୍ରିୟ ଓ ୫ କର୍ମେନ୍ଦ୍ରିୟ ଏପରି ୧୦ ଇନ୍ଦ୍ରିୟକୁ ସୂଚାଏ। ଅନ୍ୟପକ୍ଷେ ନମସ୍କାର କରିବା ଦ୍ୱାରା ଆୟୁ, ବିଦ୍ୟା, ଯଶ ଓ ବଳ ବୃଦ୍ଧି ଘଟିଥିବାବେଳେ ଅହଙ୍କାର ଦୂର କରିଥାଏ। ବୈଦିକ କର୍ମକାଣ୍ଡର ଏମିତି ନମସ୍କାର ମୁଦ୍ରାରେ ସୂର୍ଯ୍ୟ ଦେବତା ଖୁସି ରୁହନ୍ତି ବୋଲି ଶାସ୍ତ୍ର କୁହେ। ଯଥା: ନମସ୍କାର ପ୍ରିୟ ଭାନୁ। ଖୋର୍ଦ୍ଧାର ବରିଷ୍ଠ ସମବାୟବିତ୍ ବିମଳ ଷଡ଼ଙ୍ଗୀ କୁହନ୍ତି, ଭାରତୀୟ ସଭ୍ୟତାର ନିଦର୍ଶନ ନମସ୍କାର। ନମସ୍କାର କଲେ ମନରେ ଭକ୍ତିଭାବ ଜାତ ହୁଏ । ନମସ୍କାର ପାଉଥିବା ବ୍ୟକ୍ତି ଆଶୀର୍ବାଦ ପ୍ରଦାନ କରିଥାନ୍ତି, ଯାହା ଆମ ଜୀବନକୁ ସୁଖମୟ କରିଥାଏ ।

**କ୍ଷମା ଓ ଆଶୀର୍ବାଦ ମିଳେ:**

ବୈଦିକ ଯୁଗରୁ ନମସ୍କାରର ପରିଚୟ ରହିଛି । ଡାକ୍ତର ବାସୁଦେବ ପ୍ରଧାନଙ୍କ ମତରେ ଓଡ଼ିଆରେ ଦଣ୍ଡବତ ବା ମୁଣ୍ଡିଆ ମାରିବାକୁ ନମସ୍କାର କୁହାଯାଏ। ନମସ୍କାର ପ୍ରୟୋଗରେ ନମ୍ରତା ଭାବ ସ୍ୱତଃଭାବେ ସୃଷ୍ଟି ହୁଏ । ମୁଣ୍ଡ ନୁଆଁଇଲେ ଶରୀରର ଏକ ପ୍ରକାର ବ୍ୟାୟାମ ହୋଇଥାଏ । ହାତଯୋଡ଼ି ନମସ୍କାର କଲେ ବିନୟଭାବ ସୃଷ୍ଟି ହୁଏ । ଏହା କ୍ଷମା ଓ ଆଶୀର୍ବାଦ ପାଇଁ ପଥ ପରିଷ୍କାର କରେ । ନମସ୍କାରରେ କାହାରିକୁ ଛଇଁବାକୁ ପଡ଼େ ନାହିଁ । ସ୍ପର୍ଶ ବା ଆଲିଙ୍ଗନ ନ ଥିବାରୁ ସଂକ୍ରମଣ ରୋଗର ଭୟ ନ ଥାଏ। ନୟାଗଡ଼ ଗୋଡିପଡ଼ାର କବି ଚନ୍ଦ୍ରକଳା ମିଶ୍ର କୁହନ୍ତି, ନମସ୍କାର ଆମ ଭାରତୀୟ ପରମ୍ପରାର ପ୍ରତୀକ।

**ବିଶ୍ୱର କଲ୍ୟାଣ ପାଇଁ ଉଦ୍ଦିଷ୍ଟ :**

ଡକ୍ଟର ସୁରେନ୍ଦ୍ର ନାଥ ଦାଶ କୁହନ୍ତି, ଇଷ୍ଟ ଦେବତାଙ୍କୁ ଆବାହନ ବେଳେ ପ୍ରଥମେ ଆସନ ପକାଇ ସାଷ୍ଟାଙ୍ଗ ପ୍ରଣିପାତ ବା ନମସ୍କାର କରାଯାଏ। ବୈଦିକ ସନାତନ ଧର୍ମ ସଂସ୍କୃତି କାର୍ଯ୍ୟ ଅନୁସାରେ ସବୁ ପୂଜା ବିଧିରେ ହାତଯୋଡ଼ି ନମସ୍କାର କଲେ ଆଧ୍ୟାତ୍ମିକ, ଶାରୀରିକ, ମାନସିକ, ବୌଦ୍ଧିକ ଚେତନାର ଜାଗ୍ରତ ହୋଇଥାଏ । ଈଶ୍ୱରଙ୍କୁ ନମସ୍କାର କଲେ ସକଳ ବାଧା ଦୂର ହେବା ସହ ଐଶ୍ୱରୀୟ କୃପା ଲାଭ ହୁଏ । ମାତୃପିତୃ ଦେବ, ଗୁରୁଦେବ, ବରିଷ୍ଠ ଲୋକଙ୍କୁ ନମସ୍କାର କଲେ ଆଶୀର୍ବାଦ ମିଳେ। ନୟାଗଡ ଶରଣକୂଳର ଶିକ୍ଷାବିତ୍ ଗିରିଜା ଶଙ୍କର ମହାପାତ୍ର କୁହନ୍ତି, ସ୍ନେହ ଓ ସମ୍ମାନର ପ୍ରମୁଖ ମାଧ୍ୟମ ନମସ୍କାର।

**ସଂସ୍କୃତି ଓ ପରମ୍ପରାର ପରିଚୟ:**

ଚିକାଗୋରେ ବିଶ୍ୱ ଧର୍ମ ସମ୍ମିଳନୀ ଚାଲିଥାଏ। ପ୍ରଥମ ଭାରତୀୟ ସନ୍ନ୍ୟାସୀ ସ୍ୱାମୀ ବିବେକାନନ୍ଦଙ୍କ ପରେ ଦୀର୍ଘଦିନର ବ୍ୟବଧାନରେ ନିମନ୍ତ୍ରିତ ହୋଇ ଯୋଗ ଦିଅନ୍ତି ଅନ୍ତଃରାଷ୍ଟ୍ରୀୟ ଦିବ୍ୟଜୀବନ ସଂଘର ଅଧ୍ୟକ୍ଷ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ। ସରସ୍ୱତୀ ମହାରାଜଙ୍କୁ ସଭାସ୍ଥଳୀକୁ ପାଛୋଟି ନେବା ପାଇଁ ଆସିଥିବା ସଙ୍ଗଠକମାନେ କରମର୍ଦ୍ଦନ କରିବାକୁ ଅନୁମତି ଲୋଡିଥିଲେ। ଏଭଳିସ୍ଥଳେ ସରସ୍ୱତୀ ମହାରାଜ ଦର୍ଶାଇଥିଲେ, କରମର୍ଦ୍ଦନ ଭାରତୀୟ ପରମ୍ପରା ନୁହେଁ। ଭାରତୀୟ ପରମ୍ପରାକୁ ଉପସ୍ଥାପନ କରିବାକୁ ଯାଇ ଟିପ୍ପଣୀ ରଖିଥିଲେ ଦୁଇ ପାପୁଲିକୁ ଏକତ୍ରିତ କରି କପାଳରେ ରଖି ଅଭିବାଦନ ଜଣାଇବା। ଏହାକୁ ନମସ୍କାର ଅଥବା କେହି କେହି ନମସ୍ତେ ବୋଲି କହିଥାନ୍ତି। ଆକାଶବାଣୀର ଅନୁଚିନ୍ତା ଉଦ୍‌ଘୋଷକ ଶଙ୍କର୍ଷଣ ମଙ୍ଗରାଜ କୁହନ୍ତି, ଭାରତୀୟ ପ୍ରାଚୀନ ପରମ୍ପରାରେ ନମଃ ନମଃ ବୋଲି ଲିପିବଦ୍ଧ ହୋଇ ରହିଛି । ପ୍ରଭାତ ସମୟରେ ଉଠି ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଜଳ, ଅନ୍ତରୀକ୍ଷ, ମାଟି ମା, ବୃକ୍ଷଲତା, ବନପର୍ବତ, ସମସ୍ତ ପ୍ରାଣୀଙ୍କୁ ନମସ୍କାର କର ବୋଲି ଦିବ୍ୟଜୀବନ ସଂଘର ପ୍ରତିଷ୍ଠାତା ଡାକ୍ତର ଶିବାନନ୍ଦ କୁହନ୍ତି। ଉତ୍କଳ ସମ୍ମିଳନୀ ଖୋର୍ଦ୍ଧାର ସଭାପତି ଶକ୍ତି ଶଙ୍କର ମିଶ୍ର କୁହନ୍ତି, ନମସ୍କାର ଅଭିଭାଦନର ଏକ ଉଚ୍ଚାଙ୍ଗ ସ୍ତର। ନମସ୍କାର କରିବା ଓ ପାଇବା ବ୍ୟକ୍ତିର ସମ୍ମାନ ବଢ଼ାଇଥାଏ। ଯେଉଁ ବ୍ୟକ୍ତି ଗୁରୁଜନମାନଙ୍କୁ ନିତ୍ୟ ନମସ୍କାର କରନ୍ତି ତାଙ୍କର ଆୟୁ, ବିଦ୍ୟା, ଯଶ, ଓ ବଳ ଆଦି ୪ଗୋଟି ଗୁଣର ଅଭିବୃଦ୍ଧି ଘଟିଥାଏ, ଯାହାଙ୍କୁ ନମସ୍କାର କରାଯାଏ ତାଙ୍କଠାରୁ ସ୍ୱତଃସ୍ଫୂର୍ତ୍ତ ଭାବେ ଆଶୀର୍ବାଦ ମିଳିଥାଏ।

– ବନବିହାରୀ ବେହେରା
ଲୋକନାଥ ମିଶ୍ର

## ଅମୋଘ ଅସ୍ତ୍ର ନମସ୍ତେ



ଡୋନାଲ୍ଡ ଟ୍ରମ୍ପ

**ବ**ୟସ ନିର୍ବିଶେଷରେ ଭାରତୀୟ ମାନେ ଯାହାକୁ ବି ଦେଖିଲେ ଦୁଇହାତ ଯୋଡ଼ି ଛାତିରେ ନ ହେଲେ ମୁଣ୍ଡରେ ମାରିଥାନ୍ତି। ତାହା ହିଁ ହେଉଛି ଭାରତର ସମ୍ମାନସୂଚକ ଅଭିବାଦନ ମୁଦ୍ରା 'ନମସ୍ତେ'। ସାମ୍ପ୍ରତିକ କରୋନା କବଳିତ ବିଶ୍ୱରେ ଏହି ନମସ୍ତେ ଆଉ କେବଳ ଭାରତରେ ସୀମିତ ହୋଇ ରହିନାହିଁ। ବିଶ୍ୱର କୋଣ ଅନୁକୋଣରେ ଏହାକୁ ଆପଣେଇବାରେ ଲାଗିଲେଣି ଲୋକମାନେ। କାରଣ 'ନମସ୍ତେ' ହେଉଛି କୋଭିଡ୍–୧୯କୁ ପରାହତ କରିବାର ବ୍ରହ୍ମାସ୍ତ୍ର। ହ୍ୱାଇଟ୍ ହାଉସ୍‌ର ଓଭାଲ ଅଫିସ୍‌ରେ ଡୋନାଲ୍ଡ ଟ୍ରମ୍ପ ଯେତେବେଳେ ଆୟର୍ଲାଣ୍ଡର ପ୍ରଧାନମନ୍ତ୍ରୀ ଲିଓ ଭରାଦକରଙ୍କୁ ଭେଟିଲେ ସେତେବେଳେ ସେ ତାଙ୍କୁ କହିଥିଲେ: ଆଜି ଆମେ ହ୍ୟାଣ୍ଡସେକ୍ କରିବାନି। ଆମେ ହାତଯୋଡ଼ି ପରସ୍ପରକୁ ନମସ୍ତେ କହିବା। ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତ୍‌ନ୍ୟାହୁ ତାଙ୍କ ଦେଶବାସୀଙ୍କୁ ଅନୁରୋଧ କରି କହିଛନ୍ତି ଯେ, କରୋନା ଭାଇରସ୍‌କୁ ରୋକିବା ପାଇଁ ହେଲେ ଆମେ ହାତଯୋଡ଼ି ପରସ୍ପରକୁ ନମସ୍ତେ କହିବା। ଫ୍ରାନ୍ସର ରାଷ୍ଟ୍ରପତି ମାକ୍ରୋନ୍ ତାଙ୍କ ସହକର୍ମୀମାନଙ୍କୁ ନମସ୍ତେ କହିବାକୁ ନିଷ୍ପତ୍ତି ନେଇଛନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ 'ନମସ୍ତେ' ହିଁ ଆଜିର କରୋନା କବଳିତ ବିଶ୍ୱ ପାଇଁ ଏକ ଅମୋଘ ଅସ୍ତ୍ର ସାଜିଛି।









ରକୁଲ

# ରକୁଲ୍ ଯାହା ଚାହୁଁଥିଲେ..

କଥାରେ ଅଛି–ଏ ମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଏକ ନୂଆ ସିନେମା ସାଇନ୍ କରିବା ପରେ ରକୁଲପ୍ରୀତ ସିଂ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ଅଜୟ ଦେବଗନ ଏବଂ ଇନ୍ଦର କୁମାର ମିଳିତ ଭାବରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'ଥ୍ୟାଙ୍କ ଗଡ୍'। ଏଥିରେ ରକୁଲଙ୍କ ସହ ଅଭିନୟ କରିବେ ସିଦ୍ଧାର୍ଥ ମାଲହୋତ୍ରା। 'ଥ୍ୟାଙ୍କ୍ ଗଡ୍'ର ପ୍ରାରମ୍ଭିକ କାମ ନିକଟରେ ଶେଷ ହୋଇଛି। ଏହାର କାହାଣୀ ଚୟନ ପରେ ଚିତ୍ରନାଟ୍ୟ ଏବଂ ସଂଳାପ କିପରି ଦମଦାର ହେବ ସେ ନେଇ ପାଖାପାଖି ଚାରିବର୍ଷ ପରିଶ୍ରମ କରିଛନ୍ତି ଇନ୍ଦର କୁମାର। ଫିଲ୍ମର ଶୁଟିଂ ଚଳିତ ମାସ ୧୦ରୁ ଆରମ୍ଭ ହେବାର ଯୋଜନା ଥିଲା। ହେଲେ କରୋନା ପାଇଁ ସୃଷ୍ଟି ହୋଇଥିବା ଭୟଙ୍କର ବାତାବରଣ ଯୋଗୁ ଶୁଟିଂ ସିଡ୍ୟୁଲକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଘୁଞ୍ଚାଇ ଦିଆଯାଇଛି। ଏହାପୂର୍ବରୁ ଅଜୟ ଏବଂ ଇନ୍ଦର ମିଳିତ ଭାବରେ 'ଟୋଟାଲ ଧମାଲ' ପ୍ରଯୋଜନା କରିଥିଲେ ଏବଂ ଅଜୟ ଦେବଗନ, ଅନିଲ କପୁର, ରିତେଶ ଦେଶମୁଖ, ମାଧୁରୀ ଦୀକ୍ଷିତ, ସଞ୍ଜୟ ମିଶ୍ରଙ୍କ ଦ୍ୱାରା ଅଭିନୀତ ଫିଲ୍ମଟି ସୁପରହିଟ୍ ହୋଇଥିଲା।



ସାରା

# ରୋଷେଇରେ ମନ

ସୈଫ ତନୟା ସାରା ଅଲ୍ଲୀ ଖାଁ। ସୁଶାନ୍ତ ସିଂ ରାଜପୁତଙ୍କ ଅପୋଜିଟ୍‌ରେ ସେ ବଲିଉଡ୍‌ରେ ନିଜ ଆକ୍ଟିଂ କ୍ୟାରିୟର ଆରମ୍ଭ କରିଥିଲେ। ଫିଲ୍ମଟି ଥିଲା 'କେଦାରନାଥ'। ଇତିମଧ୍ୟରେ ସେ ଆଉ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। ଏବେ ତ କରୋନା ଆତଙ୍କ ପାଇଁ ଶୁଟିଂ ବନ୍ଦ ଅଛି। ତେବେ ଏହି ସମୟ ମଧ୍ୟରେ ସେ କ'ଣ କରୁଛନ୍ତି। ବାସ୍, ଏପରି ସମୟକୁ ସେ ପରିବାର ସହ କଟାଉଛନ୍ତି। କେବଳ ସେତିକି ନୁହେଁ, ମନ ପସନ୍ଦର ଖାଦ୍ୟ ରାନ୍ଧି ପରିବାର ସଦସ୍ୟଙ୍କୁ ଖୁଆଉଛନ୍ତି। ଏ ସମ୍ପର୍କରେ ସାରା କହନ୍ତି, 'ମୋତେ ଅବସର ମିଳିଲେ ମୁଁ ରୋଷେଇ କରିବାକୁ ଭଲ ପାଏ। ଯେହେତୁ ଏବେ ଶୁଟିଂରୁ ବ୍ରେକ୍ ମିଳିଛି ତେଣୁ ମୋର ଫେବରାଇଟ୍ ଖାଦ୍ୟ ପ୍ରସ୍ତୁତ କରି ଖାଇବାର ଯା ଠାରୁ ଭଲ ସମୟ କିଛି ନାହିଁ।' ବର୍ତ୍ତମାନ ସେ ନିର୍ମାଣାଧୀନ ସିନେମା 'ଅତରଙ୍ଗୀ 'ରେ ଅଭିନୟ କରୁଛନ୍ତି।



ହ୍ରିତିକ୍

# କଥା ୨୦ବର୍ଷର

ଥରେ ମନେ ପକାନ୍ତୁ ନା ସୁପରହିଟ୍ ହିନ୍ଦୀ ସିନେମା 'କହୋ ନା ପ୍ୟାର ହୈ'କୁ। ରାକେଶ ରୋଶନଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ନବାଗତ ନାୟକଙ୍କୁ ରାତାରାତି ଷ୍ଟାର ଭାବରେ ପରିଚିତ କରାଇଥିଲା। ଡେବ୍ୟୁ ଫିଲ୍ମ ହିଟ୍ ହେବା ପରେ ସେ ଆଉ କେବେ ପଛକୁ ଫେରି ଚାହିଁନାହାନ୍ତି। ଏ ପର୍ଯ୍ୟନ୍ତ ସେ ନିଜର ଅଭିନୟ ଦକ୍ଷତା ଦେଖାଇବା ସହ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ସେ ହେଲେ ହ୍ରିତିକ ରୋଶନ। ଏକ କଳାକାର ପରିବାରରେ ଜନ୍ମଗ୍ରହଣ କରିଥିବା ଏହି ଅଭିନେତାଙ୍କୁ ବଲିଉଡ୍‌ରେ ଏଣ୍ଟ୍ରି କରାଇବାକୁ ସ୍ଥିର କରିଥିଲେ ତାଙ୍କ ବାପା ରାକେଶ। ଖାସ୍ କଥା ହେଲା, ହ୍ରିତିକ ଇତିମଧ୍ୟରେ ହିନ୍ଦୀ ସିନେମାରେ ୨୦ବର୍ଷ ପୂରଣ କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଏହି ୨୦ବର୍ଷ କିପରି କଟିଗଲା ତାହା ମୁଁ ଜାଣିପାରିଲି ନାହିଁ। ମୋ କ୍ୟାରିୟରରେ ଦର୍ଶକ ମୋତେ ଯେଉଁ ସ୍ନେହ, ଶ୍ରଦ୍ଧା ଦେଇଛନ୍ତି ସେଥିପାଇଁ ସେମାନଙ୍କ ନିକଟରେ ମୁଁ ଚିର ଋଣୀ।' ସୂଚନାଯୋଗ୍ୟ, ହ୍ରିତିକଙ୍କ ଅଭିନୀତ ଶେଷ ଫିଲ୍ମ ଥିଲା 'ୱାର'। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଟାଇଗର ଶ୍ରଫ ମଧ୍ୟ ଅଭିନୟ କରିଥିଲେ।



କ୍ୟାଟ୍ରିନା

# କ୍ୟାଟ୍ରିନାଙ୍କ ଖୁସି

କ୍ୟାଟ୍ରିନାଙ୍କ ଖୁସି ଏବେ କହିଲେ ନ ସରେ। କାରଣ ମିଲେନିୟମ୍ ଷ୍ଟାର୍ ଅମିତାଭ ବଚ୍ଚନଙ୍କ ସହ ସେ ପୁଣି ଥରେ ଅଭିନୟ କରିବେ। ଏପରି ଚାନ୍ସକୁ କିଏ କ'ଣ କେବେ ହାତଛଡ଼ା କରିପାରେ ? କାହାଣୀ ଶୁଣିବା ତ ଅଲଗା କଥା, କ୍ୟାଟ୍ରିନା ଯେମିତି ଜାଣିଲେ ଯେ ସେ ଏହି ଫିଲ୍ମର ଅମିତାଭଙ୍କ ଝିଅ ଭୂମିକାରେ ଅଭିନୟ କରିବେ ସେ ଖୁସିରେ ଉଛୁଳି ଉଠିଥିଲେ। କେବଳ ସେତିକି ନୁହେଁ, ଏ ସମ୍ପର୍କରେ ଜାଣିବା ପରେ ସେ ଡେରି ନ କରି ଆଖିବୁଜି ହଁ ଭରିଥିଲେ। ଏ ନେଇ କ୍ୟାଟ୍ରିନା କୈଫ କହନ୍ତି, 'ମୋ ଆକ୍ଟିଂ କ୍ୟାରିୟରରେ ଏପରି ଏକ ସ୍ମରଣୀୟ ସମୟ ଆସିବ ତାହା ମୁଁ କେବେ କଳ୍ପନା କରିନଥିଲି। ଅମିତାଭଜୀଙ୍କ ପରି ମହାନ୍ ଅଭିନେତାଙ୍କ ସହ ପୁଣି ଥରେ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମଟି ମୋ ପାଇଁ ଏକ ମାଇଲଷ୍ଟୋନ୍ ସଦୃଶ ହେବ।' ଏହାପୂର୍ବରୁ 'ସରକାର' ଏବଂ 'ଥଗସ ଅଫ ହିନ୍ଦୁସ୍ଥାନ'ରେ ଅମିତାଭଙ୍କ ସହ କ୍ୟାଟ୍ରିନା ଅଭିନୟ କରିଥିଲେ। ଅମିତାଭ ଏବଂ କ୍ୟାଟ୍ରିନା ଅଭିନୟ କରିବାକୁ ଯାଉଥିବା ଏହି ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ ଏବଂ ଏହାର ନିର୍ଦ୍ଦେଶନା ଦେବେ ବିକାଶ ବହଲ୍।



ପଲ୍ଲବୀ

# ଅପେକ୍ଷାର ଫଳ ମିଠା

ସତରେ ଅପେକ୍ଷାର ଫଳ ମିଠା। ଦେଖୁନାହାନ୍ତି, ଶିଶୁ କଳାକାର ଭାବରେ ଅଭିନୟ କରିବା ପରେ ସେ ଏକ ଦମଦାର ଭୂମିକାରେ ଅଭିନୟ କରିବାକୁ ଚାହିଁ ବସିଥିଲେ। ନିକଟରେ ତାହା ପୂରଣ ହୋଇଛି। ଅର୍ଥାତ୍ ବଡ଼ ପରଦାରେ ସେ ଖୁବ୍ ଶୀଘ୍ର ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ତାଙ୍କ ଅଭିନୀତ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍' ଖୁବ୍ ଶୀଘ୍ର ରିଲିଜ ହେବାକୁ ଯାଉଛି। ହଁ, ଏହି ନାୟିକା ଜଣକ ହେଲେ ପଲ୍ଲବୀ। ଜାତୀୟ ତଥା ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ତେଜସ୍ୱିନୀ'ରେ ସେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଏବେ ତାଙ୍କୁ 'ବାୟ ବାୟ ଦିଲ୍'ର ଅନ୍ୟତମ ନାୟିକା ଭାବରେ ବ୍ରେକ୍ ଦେଇଛନ୍ତି ନିର୍ଦ୍ଦେଶକ କୁନାଲ ପଟ୍ଟନାୟକ। ଏଥିରେ ସେ ଏକ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମଚାରୀ ଭାବରେ ଅଭିନୟ କରୁଛନ୍ତି। ଗାଁରେ ବୁଲି ବୁଲି ଜନସଚେତନତା ସୃଷ୍ଟି କରିବା ସହ ମାଫିଆଙ୍କ ବିରୋଧରେ ସେ ଗ୍ରାମବାସୀଙ୍କୁ ଏକଜୁଟ୍ କରୁଛନ୍ତି। ତେବେ ଏଭଳି ପରିସ୍ଥିତିର ସାମ୍ନା କରି ସେ କିପରି ଆଗକୁ ଆଗଉଛନ୍ତି ତାହା ସିନେମାରେ ଦେଖିବାକୁ ମିଳିବ। ମହ୍ଲାର ଏଣ୍ଟରଟେନମେଣ୍ଟ ଆଣ୍ଡ ଏଭି ସଲ୍ୟୁଶନ ବ୍ୟାନରରେ ତଥା ଜୟଲକ୍ଷ୍ମୀ ମିଶ୍ରଙ୍କ ପ୍ରଯୋଜିତ ଏହି ଫିଲ୍ମର ନାୟକ ସାଜିଛନ୍ତି ନବାଗତ ରାଜ୍। ଖାସ୍ କଥା ହେଲା ଏହାର ମୁଖ୍ୟ ନାୟିକା ଭୂମିକାରେ ଦେଖାଦେବେ ରୁଷୀୟ ଲଲନା ତଥା ମଡେଲରୁ ଅଭିନେତ୍ରୀ ସାଜିଥିବା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା।

# ଆମ ଭିତରେ ଗଧ ଅଛି!



## ଚିନ୍ମୟ ଚିନ୍ତନ



ଶ୍ରୀ ସନ୍ନ୍ୟାସୀ

ଗଧଟିଏ ଗଛରେ ବନ୍ଧା ହୋଇଥିଲା। ବାବାଜୀଟିଏ ସେଇ ବାଟ ଦେଇ ଯାଉଥିଲେ। ପଘାରେ ବନ୍ଧା ହୋଇଥିବା ଗଧ ମୁକ୍ତି ପାଇଁ କସରତ କରୁଥିବାର ସେ ଦେଖିଲେ। ଦୟା ଦେଖାଇ ବାବାଜୀ ତା' ପଘାକୁ ଖୋଲିଦେଇ ନିଜ ରାସ୍ତାରେ ଚାଲିଗଲେ।

ବାସ୍ ଏଇଠୁ ଆରମ୍ଭ ହେଲା ନାଟକର କ୍ଲାଇମାକ୍ସ।

ଗଧ ସିଧା ଦୌଡ଼ିଲା ଏକ କୃଷିକ୍ଷେତକୁ। ମନଇଚ୍ଛା ଦଳିମକଚି ନଷ୍ଟ କରିଦେଲା କ୍ଷେତକୁ।

କୃଷକର ସ୍ତ୍ରୀ ଗଧକୁ ଦେଖିଦେଲା। ଉଜୁଡ଼ା କ୍ଷେତକୁ ଦେଖି ତା ମୁଣ୍ଡକୁ ପିତ୍ତ ଚଢ଼ିଗଲା। ଗୋଟିଏ କାଠଫାଳିଆ ଆଣି ଗଧ ମୁଣ୍ଡକୁ ପାହାରେ ଦେଲା। ଗଧର ସେଇଠି ସିୟା ରାମ୍ କି ଜୟ।

ଖବର ଯାଇ ପହଞ୍ଚିଲା ଗଧର ମାଲିକ ପାଖରେ। ଏକମାତ୍ର ଗଧର ମୃତ୍ୟୁରେ ସେ ଭାଙ୍ଗିପଡିଲା। ଯେସାକୁ ତେସା ନ୍ୟାୟରେ ସେ ସେଇ କାଠଫାଳିଆରେ କୃଷକର ସ୍ତ୍ରୀକୁ ମାରିଦେଲା।

ସ୍ତ୍ରୀର ମୃତଦେହ ଦେଖି କୃଷକର ବୁଦ୍ଧି ହଜିଗଲା। ଗଧ ମାଲିକ ସହ ଚାଲିଲା ଲଢ଼େଇ। ଶେଷରେ ଗଧ ମାଲିକ ମଲା।

ସ୍ୱାମୀକୁ ମାରିଦିଆଯିବାର ଖବର ଶୁଣି ଗଧ ମାଲିକର ସ୍ତ୍ରୀ ନିଜ ଦୁଇ ପୁଅଙ୍କୁ ଆଦେଶ ଦେଲା–ଯାଅ, ତୁମେ ଯଦି ଠିକ୍ ମୋ ଛୁଆ ହୋଇଥିବ ତେବେ ପିତୃହତ୍ୟାର ପ୍ରତିଶୋଧ ନିଅ।

ମାତୃ ଆଜ୍ଞା ମାନି ଦୁଇ ପୁଅ ରାତିଅଧରେ ଯାଇ କୃଷକ ଘରେ ନିଆଁ ଲଗେଇଦେଲେ। ଘର ହୁତୁ ହୁତୁ ହୋଇ ଜଳିଲା। ଖୁସିହେଲେ ଦୁହେଁ। ଏଥର କୃଷକ ନିଶ୍ଚେ ଘର ଭିତରେ ଜଳିପୋଡ଼ି ମରିବ।

କିନ୍ତୁ ଦୁଇ ପୁଅଙ୍କ ଭାବନା ଅନୁସାରେ ସେମିତି କିଛି ହେଲାନି। ସେଦିନ ରାତିରେ କୃଷକ ଘରେ ନ ଥିଲା। କୁଣିଆ ଘର ଯାଇଥିଲା। ସକାଳୁ ଫେରି ଦେଖେତ ନିଜ ଘର ଆଉ ନାହିଁ। ରାଗ ତମ ତମ ହୋଇ ଦୌଡିଲା ଗଧ ମାଲିକ ଘରକୁ। ପହିଲିମାନ୍ କୃଷକ ଘରେ ନିଆଁ ଲଗାଇଥିବା ସେ ଦୁଇ ପୁଅ ଆଉ ତାଙ୍କ ମା' ଅର୍ଥାତ ଗଧ ମାଲିକର ସ୍ତ୍ରୀକୁ ମାତ୍ର ତିନିଟା ମୁଥରେ ଶେଷ କରିଦେଲା।

ଗଧ ମାଲିକର ବଂଶ ବୁଡ଼ିଲା। ଏଣେ ନିଜ ସ୍ତ୍ରୀ ବି ମଲା। ଦୁଃଖରେ ବିମର୍ଶ କୃଷକ ଜୋର୍‌ରେ କାନ୍ଦିଲା। ଗଧ ଲାଗି ସିନା ଏତେ ନାଟ।

ଠିକ୍ ଏହି ସମୟରେ ଗଧକୁ ଫିଟାଇଥିବା ସେଇ ବାବାଜୀ ଆସି ହାବୁଡ଼ିଗଲେ କୃଷକ ପାଖରେ। ତାଙ୍କୁ ଦେଖି କୃଷକ ରାଗରେ କହିଲା– ବାବାଜୀ ହୋଇ ଗଧକୁ ଫିଟାଇବା କ'ଣ ଠିକ୍ ହେଲା ?

ପଦୁଟିଏ ଉତ୍ତର ଦେଲେ ବାବାଜୀ–ମୁଁ କେବଳ ବାହାରର ଗଧକୁ ବନ୍ଧନମୁକ୍ତ କରିଥିଲି। କିନ୍ତୁ ତୁମେମାନେ ନିଜ ନିଜ ଭିତରେ ଥିବା ଗଧକୁ ମୁକ୍ତ କରିଦେଲ। ଏଥିରେ ମୋର ବା ଦୋଷ କ'ଣ ?

ପାଠକେ! ବାବାଜୀଙ୍କ କହିବା ମୁତାବକ ଆମ ଭିତରେ ଥିବା ସେଇ ଗଧଟି କିଏ ? କ'ଣ ଗୋଟିଏ ଗଧ ନା ଛଅ ଛଅଟା ଗଧ ରାଜ୍ କରୁଛନ୍ତି ଆମ ଭିତରେ। 'କାମ' ଗୋଟିଏ ଗଧ, 'କ୍ରୋଧ' ବି ଗୋଟିଏ ଗଧ। ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ–ଏମାନେ ହେଲେ ଆଉ ଚାରିଟା ଗଧ। ଉପରୋକ୍ତ ପ୍ରସଙ୍ଗରେ କୃଷକ ଜଣଙ୍କ କେବଳ 'କ୍ରୋଧ'ରୂପକ ଗଧକୁ ଫିଟାଇ ଦେଇଥିଲା। ଏ ଗଧଟି ତା' ସ୍ତ୍ରୀ ଭିତରେ ବି ଥିଲା। ଅନୁରୂପ ଭାବେ ଗଧ ମାଲିକ, ତା' ସ୍ତ୍ରୀ ଓ ଦୁଇ ପୁଅଙ୍କ ଭିତରେ ବି ଥିଲା। ସମସ୍ତେ ନିଜ ନିଜ ଭିତରେ ଥିବା ଏଇ ଗଧକୁ ପ୍ରତିଯୋଗିତାମୂଳକ ଭିତ୍ତିରେ ଖୋଲିଦେଲେ। ଶେଷରେ ଫଳ ହେଲା–ସର୍ବନାଶ।

ଗୋଟିଏ ଗଧର ପରିଣତି ଏହା। ଯେତେବେଳେ ଛଅଟି ଗଧ ଫିଟିଯିବେ ସେତେବେଳେ କ'ଣ ହେବ ଅବସ୍ଥା ଚିନ୍ତା କରନ୍ତୁ ପାଠକେ।

ଏବେ ଯେଉଁ 'କରୋନା' ବ୍ୟାପିବାରେ ଲାଗିଛି, ଏହା ସେଇ 'ଗଧ'ର ପରିଣତି। ଏହା ହେଉଛି ଲୋଭ ବା ଲାଳସାରୂପକ ଗଧର କରିସ୍ମା। ବିଶ୍ୱରେ ବିଭିନ୍ନ ପ୍ରକାର ଶସ୍ୟ, ଶାଗ, ଫଳ, ପନିପରିବା ଆଦି ପ୍ରାକୃତିକ ଖାଦ୍ୟ ଯଥେଷ୍ଟ ପରିମାଣର ମହଜୁଦ ଥିବାବେଳେ ଚାଇନାମାନେ ବିଲୁଆ, କୁକୁର, ବିଲେଇ, ସାପ ଆଉ ତେନ୍ତୁଳିଆ ବିଛା, ମୂଷା, ଚୁଚୁନ୍ଦ୍ରାକୁ ଯେଭଳି କଞ୍ଚା ଓ ସିଝାଇ କରି ଖାଆନ୍ତି, ତାହା ଏବେ ସମଗ୍ର ବିଶ୍ୱ ଦେଖୁଛି। 'କରୋନା'ର ଉତ୍ପତ୍ତିସ୍ଥଳ ଏଇଠୁ। ଏ ଭାଇରସ୍ କୋଉ ପଶୁ କି ପକ୍ଷୀର ଶରୀରେ ଥିଲା, ତା' ମାଂସ ଖାଇବାରୁ ମଣିଷ ଦେହକୁ ଆସିଲା। ଏବେ ସାରା ବିଶ୍ୱରେ ବ୍ୟାପିଗଲାଣି।

'କରୋନା' ଏବେ ପ୍ରତିଶୋଧ ନେଉଛି ମଣିଷଙ୍କ ଉପରେ। ପ୍ରକୃତିର ସନ୍ତୁଳନ ପାଇଁ ଈଶ୍ୱର ବହୁ ପଶୁପକ୍ଷୀ ଆଉ ସରୀସୃପଙ୍କୁ ସୃଷ୍ଟି କରିଛନ୍ତି। ଏମାନେ କେହି ବି ଭକ୍ଷଣର ଯୋଗ୍ୟ ନୁହନ୍ତି। ମାନବ ହେଉଛି ଏକ ଶାକାହାରୀ ପ୍ରାଣୀ। କିନ୍ତୁ ଆମେ ନିଜେ ବାଟବଣା ହୋଇ ଲାଳସାରୂପକ ଗଧର କବଳରେ ପଡ଼ି ମାଛ ମାଂସ ଖାଉଛେ। ଡାକ୍ତର କହୁଛନ୍ତି, ହଁ ଖାଅ। ଏପରି କି କେତେ ସାଧୁସନ୍ଥ ବି ନିଜେ ଖାଆନ୍ତି ଆଉ ଅନ୍ୟମାନଙ୍କୁ କୁହନ୍ତି– ଖାଅ ମ, କିଛି ଅସୁବିଧା ନାହିଁ। ଖାସ୍ ଏଇଥିପାଇଁ ଗୋଟିଏ ମଣିଷ ଶାକାହାରୀ ହୋଇପାରୁ ନାହିଁ। ବାଘ ମାଂସାହାରୀ। ସେ ତା' ବାଟରେ ଠିକ୍ ଅଛି। ସୃଷ୍ଟି ଆରମ୍ଭରୁ ସେ ମାଂସାହାରୀ ଥିଲା। ଆଜି ବି ଅଛି। ମଣିଷ କିନ୍ତୁ ବାଟ ହୁଡୁଛି। ତେଣୁ କରୋନା ଫରୋନା ଆଜି ମାଡ଼ିବସୁଛି।

ଏବେ ସଚେତନ ହେବାର ସମୟ ଆସିଛି। ଭିତରର ଗଧକୁ ନିୟନ୍ତ୍ରଣରେ ରଖିବାର ସମୟ ଆସିଛି। ବୁଦ୍ଧି, ବିଚାର ଆଉ ପ୍ରଜ୍ଞାର ପ୍ରୟୋଗ କରିବାର ବେଳ ଆସିଛି। ମଣିଷ ଏକ ନିପଟ ଶାକାହାରୀ ପ୍ରାଣୀ। ଏହି ତତ୍ତ୍ୱକୁ ମଣିଷ ଏବେ ବୁଝୁ। ଅତ୍ୟଧିକ ବୁଦ୍ଧିବାଦୀ ନ ହେଉ। କିଛି ବର୍ଷ ତଳେ ଏକ ସଭାରେ ଠିକ୍ ଏଇ କଥା ଆଲୋଚନା କରୁଥିଲି। ବି.ଏସ୍‌ସି ପାସ୍ କରିଥିବା ଯୁବକଟିଏ ଛିଡ଼ାହୋଇ ପଚାରିଲା–ଆଜ୍ଞା, ଆପଣ କହୁଛନ୍ତି ମାଛ ମାଂସ ନ ଖାଇବାକୁ। ଛେଳିକୁ ଯଦି ନ ଖାଇବା ସେମାନଙ୍କ ସଂଖ୍ୟା ତ ଏ ସଂସାରରେ ବଢ଼ିଯିବ। ଚାରିଆଡ଼େ ମେଁ ମେଁ କରି ବୋବାଳି ଛାଡ଼ିବେ। ମଣିଷର ଶାନ୍ତି ଭଙ୍ଗ ହେବ।

ସନ୍ନ୍ୟାସୀ ସେଦିନ ସେ ଜିଜ୍ଞାସୁକୁ କହିଥିଲା–ସଂସାରରେ କାହା ସଂଖ୍ୟା ବଢ଼ିବ ଅବା କମିବ ସେଥିପାଇଁ ତୁମେ କ'ଣ ଠିକା ନେଇଛ। ଏ ଦାୟିତ୍ୱ ହେଉଛି ପ୍ରକୃତିର। 'କରୋନା' ଯୋଗୁ ଚାଇନାର ଗାଡିମୋଟର, କଳକାରଖାନା ବନ୍ଦ ହେଇଗଲା। ଏବେ ସେଠାରେ ବାୟୁମଣ୍ଡଳ ବେଶ୍ ଶୁଦ୍ଧ। ଅଙ୍ଗାରକାମ୍ଳ ମାତ୍ରା ଯଥେଷ୍ଟ କମ୍। ଏଥିପାଇଁ ଆମେ କେତେ ଗଛ ଲଗାଇ ପାରିଥାନ୍ତେ ନା କଳକାରଖାନାକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇପାରିଥାନ୍ତେ ? ପ୍ରକୃତି ହେଉଛି ଏକ ବୃହତ୍ ଭାରସାମ୍ୟ ରକ୍ଷାକାରୀ ନିକିତି। ତା' ଦାୟିତ୍ୱକୁ ନେଇ ତୁମ ମୁଣ୍ଡରେ କିଆଁ ବ୍ୟଥା ? କ'ଣ ନା ଛେଳି ସଂଖ୍ୟା ବଢ଼ିଯିବ। ମାଛଗୁଡ଼ିକ ନଈନାଳରେ ଫୁଲ୍ ହୋଇଯିବେ। ଆଚ୍ଛା କଥା !

ହେ କରୋନା ! ଢେର୍ ମୁଣ୍ଡ ତୁମେ ନେଲଣି। ପ୍ରତି ଶହେବର୍ଷରେ ଥରେ ତୁମେ ବିଭିନ୍ନ ରୂପରେ ତ ଆସୁଛ। ଏଣିକି ଏବେ ଯାଆ ଏତିକିରେ। ଏ ମଣିଷ ଯଦି କିଛି ଶିକ୍ଷା ଲଭି ନ ପାରିଲା, ପୁଣି ଆଗାମୀ ଥରକୁ ଆଉ କୋଉ ରୂପରେ ଆସି ଯାହା କରିବା କଥା କରିବ। ଏଥରକ ମଣିଷକୁ କ୍ଷମା କରିଦିଅ।

*–ଦିବ୍ୟାଲୋକ ସନ୍ଧାନେ,*
*ତେଲେଙ୍ଗାପେଣ୍ଠ, କଟକ*

## ଘରେ ଥିଲେ ବାସ୍ତୁଦୋଷ ମିଳେନା ମନପସନ୍ଦର କ୍ୟାରିୟର...



ନିଜ କ୍ୟାରିୟରକୁ ନେଇ ସଭିଏଁ ଚିନ୍ତା କରିଥାନ୍ତି । ତେବେ ବାସ ଘରେ ଥିବା କେତେକ ବାସ୍ତୁଦୋଷ କାରଣରୁ କ୍ୟାରିୟରରେ ଉପୁଜିଥାଏ ବାଧା। ଫଳରେ ଅନେକ ଚେଷ୍ଟା ପରେ ମଧ ସଫଳତା ମିଳିପାରି ନ ଥାଏ। କେତେକ ସହଜ ଉପାୟ ଆପଣେଇଲେ ବାସ ଘରେ ଥିବା ବାସ୍ତୁ ଦୋଷର ନିରାକରଣ କରାଯାଇପାରିଥାଏ। ବାସ୍ତୁ ଅନୁଯାୟୀ ଘରର ଉତ୍ତର–ପୂର୍ବ ଦିଗରେ ଡଷ୍ଟବିନ୍, ପୁରୁଣା ଖବରକାଗଜ ଓ କିଚେନ୍ ରହିବା ଦ୍ୱାରା ମନରେ ସର୍ବଦା ନକାରାତ୍ମକ ଚିନ୍ତା ଆସେ। ଏସବୁ ଘରର ଦକ୍ଷିଣ–ପଶ୍ଚିମ ଦିଗରେ ରହିଲେ କ୍ୟାରିୟରରେ ଉନ୍ନତି ଘଟିଥାଏ । ସେହିପରି ଘରର ଉତ୍ତର–ପୂର୍ବ ଦିଗରେ ସ୍ୱସ୍ତିକ ଚିହ୍ନ ରହିବା ଦ୍ୱାରା ଆଭ୍ୟନ୍ତରୀଣ କ୍ଷେତ୍ରରେ ସକାରାତ୍ମକ ପରିବେଶ ସୃଷ୍ଟି ହୁଏ । ଏହା ଦ୍ୱାରା ମନରେ ଆଧ୍ୟାତ୍ମିକ ଭାବନା ସୃଷ୍ଟି ହୋଇଥାଏ। ଶୌଚାଳୟ, ଷ୍ଟୋରରୁମ୍ ଘରର ବ୍ରହ୍ମସ୍ଥଳର ପୂର୍ବ କିମ୍ବା ଉତ୍ତର–ପୂର୍ବ ଦିଗରେ ରହିଲେ ପରିବାର ସଦସ୍ୟଙ୍କ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ସେହିପରି ଘରର ପୂର୍ବ କିମ୍ବା ଦକ୍ଷିଣ–ପୂର୍ବ ଦିଗରେ ବେଡରୁମ୍ ରହିଲେ ଏହାର ପ୍ରଭାବରେ କ୍ୟାରିୟର କ୍ଷେତ୍ରରେ ବାଧା ସୃଷ୍ଟି ହୋଇଥାଏ ବୋଲି ବାସ୍ତୁରେ ଉଲ୍ଲେଖ ରହିଛି।

# ଲିପିକା



## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶରତ, ଧରିତ୍ରୀ

# ହାଃ ହାଃ

## ପାଣି

ଶିକ୍ଷକ- ଆମେ ପାଣି କାହିଁକି ପିଉ ?
ଛାତ୍ର- କାହିଁକି ନା ପାଣିକୁ ଆମେ ଚୋବେଇକି ଖାଇପାରୁନା।

## ରାଶିଫଳ

ରାଜୁ- ମୁଁ ସବୁଦିନ ସକାଳୁ ଖବରକାଗଜରୁ ରାଶିଫଳ ପଢ଼େ।
ମଣ୍ଟୁ- ହେଲେ ମୁଁ ଦେଖେନା।
ରାଜୁ- କାହିଁକି ?
ମଣ୍ଟୁ- କାରଣ ବିବାହିତଙ୍କୁ ରାଶିଫଳ ନୁହେଁ, ସ୍ତ୍ରୀର ମୁହଁ ଦେଖିଲେ ହିଁ ଜଣାପଡ଼ିଯାଏ ଦିନଟି କିଭଳି ବିତିବ।

## ପ୍ରେମ

ସାଧୁ- ଏ ଦୁନିଆରେ 'ପ୍ରେମ'ଠାରୁ ବଡ଼ ଆଉ କିଛି ଅଛି ?
ଭକ୍ତ- ହଁ, ଅଛି। ପ୍ରେମର ବଡ଼ ଭାଇ।

# ପିଠିରେ କଲେ ବାଗ୍‌ଦତ୍ତାଙ୍କ ଟାଟୁ








ପୁରୁଷ ନିଜର ପ୍ରେମର ଭାବକୁ ଦର୍ଶାଇବା ପାଇଁ ଅନେକ ପନ୍ଥା ଆପଣାନ୍ତି। କିଏ ଫୁଲ ଦିଅନ୍ତି ତ କିଏ ମହଙ୍ଗା ଉପହାର। ହେଲେ ଭିଏତନାମର ଜଣେ ଯୁବକ ନିଜର ବାଗ୍‌ଦତ୍ତା ବା ଫିଆନ୍ସିଙ୍କୁ ନିଜର ଭଲ ପାଇବା ଦେଖାଇବା ପାଇଁ ଆପଣାଇଛନ୍ତି ଏକ ଭିନ୍ନ ପନ୍ଥା। ସେ ପିଠିରେ ବାଗ୍‌ଦତ୍ତାଙ୍କ ପୋର୍ଟ୍ରେଟ୍‌ର ଏକ ବିରାଟ ଟାଟୁ କରିଛନ୍ତି। ୨୨ ବର୍ଷୀୟ ଡ୍ରୁଓଙ୍ଗ ଭାନ୍ ଲାମ ୨୪ ଘଣ୍ଟାର ଅକଥନୀୟ ଯନ୍ତ୍ରଣା ସହି ଏହି ଟାଟୁ କରାଇଛନ୍ତି। ଏହି ଟାଟୁ ଦେଖି ତାଙ୍କ ଫିଆନ୍ସି ଲୁଓଙ୍ଗ ଖା ତ୍ରାନ୍ ଚକିତ ହୋଇଯାଇଥିଲେ। କିନ୍ତୁ ପରେ ତାଙ୍କ ଖୁସିର ସୀମା ରହି ନ ଥିଲା। ତେବେ ଡ୍ରୁଓଙ୍ଗ ଭାନ୍‌ଙ୍କର ଏହା ପ୍ରଥମ ଟାଟୁ ନୁହେଁ। ସେ ଆଗରୁ ବି ଲୁଓଙ୍ଗ ନାମ ଓ ତାଙ୍କ ଜନ୍ମ ତାରିଖର ଟାଟୁ ହାତ ଓ ଛାତିରେ କରିଛନ୍ତି। ହେଲେ ପିଠିର ଟାଟୁଟି ସବୁଠୁ ଚକିତ କରିଦେବା ଭଳି। କାରଣ ଏହା ବେଶ୍ ବଡ଼ ଓ ଅବିକଳ ଲୁଓଙ୍ଗଙ୍କ ଭଳି ହୋଇଛି।

# ଠିପିର ମୋଜାଇକ କରି ଘର ସଜାଇଲେ ଜେଜେମା





ସବୁ ଜେଜେମା' କେବଳ ସ୍ୱେଟର ବୁଣା, ନାତି ନାତୁଣୀଙ୍କୁ ଗପ କୁହାରେ ସମୟ ବିତାଇ ନ ଥାଆନ୍ତି। କେତେଜଣ ଜେଜେମା' ଅନେକ ସୃଜନଶୀଳ କାମ କରି ସମସ୍ତଙ୍କୁ ଚକିତ ବି କରିପାରନ୍ତି। ଯେମିତିକି ରୁଷିଆର ଜଣେ ପେନ୍‌ସନ୍‌ଧାରୀ ଜେଜେମା' ଘରର ସବୁ କାନ୍ଥକୁ ବଟଲ କ୍ୟାପ୍‌ର ମୋଜାଇକ କରି ସଜାଇଛନ୍ତି। ସେ ରୁଷିଆର କର୍‌ମରଚାଗ୍ ଗାଁରେ ରୁହନ୍ତି। ସେ ପ୍ରଥମେ ୩୦,୦୦୦ ବଟଲ କ୍ୟାପ ସଂଗ୍ରହ କରିଥିଲେ। ତା'ପରେ ସେସବୁକୁ କଣ୍ଟା ବାଡେଇ କାନ୍ଥରେ ସୁନ୍ଦର ସୁନ୍ଦର ମୋଜାଇକ କଲେ। ଆଉ ସେସବୁ ଏତେ ଆକର୍ଷକ ଯେ, ଲୋକେ ରାସ୍ତାରେ ଗଲାବେଳେ ଅଟକି ଦେଖୁଛନ୍ତି। ଏବେ ଏହା ଏଠାକାର ଏକ ଦର୍ଶନୀୟ ସ୍ଥାନ ପାଲଟିଛି।

ବ୍ୟାକ୍ ପେଜ୍

# ବିଲ୍ଡିଂ ଉପରେ ହ୍ୱାଇଟ୍ ହାଉସ୍



ଆପଣ ସୁଉଚ୍ଚ ଅଟ୍ଟାଳିକା ଦେଖିଥିବେ। ହେଲେ କେବେ ବିରାଟ ଅଟ୍ଟାଳିକା ଉପରେ ଆଉ ଏକ ବଡ଼ ମହଲ ଦେଖିଛନ୍ତି! ବାଙ୍ଗାଲୋର୍‌ରେ ଦେଖିବାକୁ ମିଳିବ ଏହି ଦୃଶ୍ୟ। ଏଠାକାର ଏକ ୩୪ ମହଲା ବିଶିଷ୍ଟ ଅଟ୍ଟାଳିକା ଉପରେ ନିର୍ମାଣ ହୋଇଛି ଏକ ସୁନ୍ଦର ପ୍ରାସାଦ। ସେ ପୁଣି ପୂରାପୂରି ହ୍ୱାଇଟ୍ ହାଉସ୍ ଭଳି ଦେଖିବାକୁ। ଏହାକୁ 'କିଙ୍ଗ ଫିଶର୍ସ ଟାୱାର୍ସ୍ ରେସିଡେନ୍ସ' କୁହାଯାଏ। ଏହା ହେଉଛି ବିଜୟ ମାଲ୍ୟା ଓ ଅନ୍ୟ କେତେଜଣ ଭାରତୀୟ ବିଲେନିୟର୍‌ଙ୍କ ନୂଆ ଘର। ଏହାକୁ 'ହ୍ୱାଇଟ୍ ହାଉସ୍ ଇନ୍ ଦ ସ୍କାଇ' ବୋଲି ବି କୁହାଯାଉଛି। ଏହା ଉପରେ ଇନ୍‌ଡୋର୍ ହିଟେଡ୍ ପୁଲ, ଆଉଟ୍ ଡୋର୍ ଇନ୍‌ଫିନିଟି ପୁଲ୍, ୱାଇନ୍ ସେଲାର୍, ସାଲୋନ୍, ସ୍ପା, ଜିମ୍ ସହ ଆହୁରି ଅନେକ ସୁବିଧା ରହିଛି। ଏକ ହେଲିପ୍ୟାଡ ବି ରହିବ। ଏହି ବିଲ୍ଡିଂର କାମ ସମ୍ପୂର୍ଣ୍ଣ ହୋଇନାହିଁ। ଆଗାମୀ ୩ ବର୍ଷ ଭିତରେ ହୋଇଯାଇପାରେ। ଏଠାରେ ୮୨ଟି ଲକ୍ସ୍ୟୁରିଅସ୍ ଆପାର୍ଟମେଣ୍ଟ ରହିବ।